ଓଡ଼ିଶା ଅଧିନିୟମ 1996 ର 4

ଓଡ଼ିଶା ହୋମିଓପାଥିକ ଚିକିତ୍ସାଗତ ଅଧ୍ୟାପନା ସେବା (ଅଧ୍ୟାପକଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1995 ।

(ତା11 ଜାନୁୟାରୀ 1996ରେ ରାଜ୍ୟପାଳଙ୍କ ଦ୍ୱାରା ସମ୍ମତିପ୍ରାପ୍ତ, ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ତା 12 ଫେବୃୟାରୀ, 1996ରେ ପ୍ରଥମେ ପ୍ରକାଶିତ)

ଡକ୍ଟର ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ଚିକିତ୍ସା ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ଭୁବନେଶ୍ୱରରେ ଅଧ୍ୟାପକଙ୍କ ନିଯୁକ୍ତିକୁ ବିଧିମାନ୍ୟ କରିବା ନିମନ୍ତେ ଏକ ଅଧିନିୟମ।

ଭାରତ ଗଣରାଜ୍ୟର ଛୟାଳିଶତମ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ –

ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମ, ଓଡ଼ିଶା ହୋମିଓପାଥିକ ଚିକିତ୍ସାଗତ ଅଧ୍ୟାପନା ସେବା (ଅଧ୍ୟାପକଙ୍କ ନିଯୁକ୍ତିର ବିଧିମାନ୍ୟକରଣ) ଅଧିନିୟମ, 1995 ନାମରେ ଅଭିହିତ ହେବ।

(2) ଏହା ତୁରନ୍ତ ବଳବତ୍ତର ହେବ।

ସଂଜ୍ଞା ।

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ ଏହି ଅଧିନିୟମରେ, -

(କ) "ଅଧ୍ୟାପକ" ଅର୍ଥ ସେବାରେ ନିଯୁକ୍ତ ଅଧ୍ୟାପକ;

(ଖ) "ନିଯୁକ୍ତିସଂଗ୍ରହ ନିୟମାବଳୀ" ଅର୍ଥ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିସୂଚନା ସଂ 17488–HVI-Med-vs 2/81-H ରେ ତା19 ମଇ, 1981ରେ ପ୍ରକାଶିତ ହୋଇ ସମୟକୁ ସମୟ ସଂଶୋଧିତ ହେବା ପ୍ରକାରେ ଓଡ଼ିଶା ହୋମିଓପାଥିକ ଚିକିତ୍ସାଗତ ଅଧ୍ୟାପନା ସେବା (ନିଯୁକ୍ତି ସଂଗ୍ରହ ପଦ୍ଧତି ଓ ସେବାର ସର୍ତ୍ତାବଳୀ) ନିୟମାବଳୀ, 1980 ;

(ଗ) "ସେବା" ଅର୍ଥ ନିଯୁକ୍ତିସଂଗ୍ରହ ନିୟମାବଳୀରେ ବିନିର୍ଦ୍ଦିଷ୍ଟ ହେବା ମତେ ସେପରି ସେବା; ଓ

(ଘ) "ବର୍ଷ" ଅର୍ଥ ପଞ୍ଜି ବର୍ଷ ।

ବିଧିମାନ୍ୟକରଣ ।

3. (1) ନିଯୁକ୍ତିସଂଗ୍ରହ ନିୟମାବଳୀରେ ଯାହାକିଛି ଥିବା ସତ୍ତ୍ୱେ, ଡଃ ବିଷ୍ଣୁ ଚରଣ ସାହୁ ନିଯୁକ୍ତି ସଂଗ୍ରହ ନିୟମାବଳୀର ନିୟମ 2ର ଖଣ୍ଡ (ଛ)ରେ ସଜ୍ଞା କରାଯାଇଥିବା ପ୍ରକାରେ ବରିଷ୍ଠ ଅଧ୍ୟାପନା ପଦବୀ କ୍ୟାଡରରେ ଜଣେ ଅଧ୍ୟାପକ ରୂପେ ବିଧିମାନ୍ୟଭାବେ ଓ ନିୟମିତ ରୂପେ ତା 11-06-1986 ଠାରୁ ପ୍ରଭାବୀ ହୋଇ ନିଯୁକ୍ତି ହୋଇଛନ୍ତି ବୋଲି ବିବେଚିତ ହେବ ଏବଂ ଉକ୍ତ ନିଯୁକ୍ତି, ନିଯୁକ୍ତିସଂଗ୍ରହ ନିୟମାବଳୀରେ ଉଲ୍ଲିଖିତ ପ୍ରକ୍ରିୟା ଅନୁସାରେ ନ ହୋଇ ଅନ୍ୟଥା ହୋଇଅଛି ବୋଲି କେବଳ ମାତ୍ର କାରଣରୁ କୌଣସି ନ୍ୟାୟାଳୟରେ ଆପତ୍ତି କରାଯିବ ନାହିଁ।

(2) ଅଧ୍ୟାପକ କ୍ୟାଡରରେ ତାଙ୍କର ପାରସ୍ପରିକ ବରିଷ୍ଠତା ତା 11-06-1986 ଠାରୁ ପ୍ରଭାବୀ ହୋଇ ସ୍ଥିର କରାଯିବ।